## କର୍ତ୍ତବ୍ୟରେ ଅବହେଳା ଅଭିଯୋଗ ▸ ୩ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାରିପଦା, ୧୯ ।୫(ସମିସ)**

କର୍ତ୍ତବ୍ୟରେ ଅବହେଳା ପାଇଁ ମୟୂରଭଞ୍ଜ ଜିଲ୍ଲାର ମୋରଡା, ଝାରପୋଖରିଆ ଓ ଶୁଳିଆପଦା ଆଦି ୩ଟି ଥାନା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଦାବି କରି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ମୟୂରଭଞ୍ଜ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ଗତ କିଛିମାସ ହେବ ରାଜ୍ୟ ଓ ମୟୂରଭଞ୍ଜ ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି । ବିଶେଷ ଭାବେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଥାନାରେ ଭାରପ୍ରାପ୍ତ ଅଧିକାରୀ ତଥା ପୁଲିସ କର୍ମଚାରୀଙ୍କ ନାମରେ ନାରୀମାନଙ୍କୁ ନ୍ୟାୟ ପ୍ରଦାନ ପରିବର୍ତ୍ତେ ନିର୍ଯାତନା ଓ ପକ୍ଷପାତିତା ଘଟଣା ଘଟିଚାଲିଛି । ସମସ୍ତ ଘଟଣାର ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ପୁଲିସଙ୍କ ଉପରେ



ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ଉଠିଯିବ । ଏଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ମୋରଡାରେ ଥାନା ଅଧିକାରୀ ସୁମିତ ସୋରେନଙ୍କ ବିରୋଧ ପୀଡ଼ିତା ନାବାଳିକାଙ୍କ ବାପାମାଆଙ୍କ ସଂଗୀନ ଅଭିଯୋଗ କରିଥିବାବେଳେ ପୂର୍ବରୁ ତାଙ୍କ ବିରୋଧରେ ଅନେକ ଅଭିଯୋଗ ରହିଛି । ସେହିପରି ଝାରପୋଖରିଆ ଥାନା ଅଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ଓ ଶୁଳିଆପଦା ଥାନା ଏସଆଇ ରୂପଶ୍ରୀ ସ୍ୱାଇଁଙ୍କ ବିରୋଧରେ ସଂଗୀନ ଅଭିଯୋଗ ପୀଡିତାଙ୍କ ପକ୍ଷରୁ ହୋଇଛି । ଏସବୁ ଅଭିଯୋଗର ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେଏମଏମ ଦଳ ପକ୍ଷରୁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିଜ ଗୃହ ବିଭାଗରେ ଏଭଳି ଘଟଣା ଘଟୁଥିବାରୁ ତା'ର ନିରପେକ୍ଷ ତଦନ୍ତ କରା ନ ଗଲେ ବାଧ ହୋଇ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ କହିଛନ୍ତି ।

**ଜେଏମ୍‌ଏମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଡବଲ ଇଞ୍ଜିନ ସରକାରରେ ନିଜେ ମୁଖ୍ୟମନ୍ତ୍ରୀ ଏହି ଗୃହ ବିଭାଗ ଦାୟିତ୍ୱରେ ଅଛନ୍ତି । ପୁଲିସ ବିଭାଗର ଅଧିକାରୀ/କର୍ମଚାରୀଙ୍କ ଏଭଳି ବ୍ୟବହାର ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବାକୁ ଚକ୍ରାନ୍ତ କରୁନାହାନ୍ତି ତ ବୋଲି ଦଳ ପ୍ରଶ୍ନ କରିଛି । ଦାବିପତ୍ର ପ୍ରଦାନ ସମୟରେ ଦଳର ବରିଷ୍ଠ ନେତା ଦିବାକର ସୋରେନ, ସୁଜିତ ବେହେରା, ସହର ସଭାପତି ତାରେନ ସେନାପତି, ଗେଡ଼ୁ ମହାନ୍ତ, ଯୁବନେତା ଅମୀର ଖାନ ଓ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଭୂମି ଡ୍ୟାନ୍ସ ଷ୍ଟୁଡ଼ିଓ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା



**ବେତନଟୀ, ୧୯।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଛକ ନିକଟରେ ଅବସ୍ଥିତ ଭୂମି ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା 'ମୟୂରଭଞ୍ଜ ବେଷ୍ଟ ଡ୍ୟାନ୍ସର ସିଜିନ-୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୂମି ଡ୍ୟାନ୍ସ ଷ୍ଟୁଡିଓ ପ୍ରତିଷ୍ଠାତା ସିପୁନ କୁମାର ସାମଲଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ୪ ବର୍ଷ ଧରି ଆୟୋଜିତ ହୋଇଆସୁଥିବାବେଳେ ଏଥିରେ ମୟୂରଭଞ୍ଜ ଜିଲ୍ଲା, ଜିଲ୍ଲା ବାହାରର ବହୁ ନାମୀଦାମୀ ଡ୍ୟାନ୍ସର ଭାଗ ନେଇଥା'ନ୍ତି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମରେ ସୋଲୋ, ଡୁଏଟ, ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ପାଇଁ ସିନିୟର, ଜୁନିୟର, ସବଜୁନିୟର ବର୍ଗ ପ୍ରତିଯୋଗୀ ଭାଗ ନେଇଥିଲେ । ପୁରୀ, ବ୍ରହ୍ମପୁର, ଜାମସେଦପୁର, ଭୁବନେଶ୍ୱର ସମେତ ଅନେକ ଜିଲ୍ଲାରୁ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ପ୍ରତିଯୋଗିତା ପରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବେତନଟୀ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ବରିଷ୍ଠ ସମାଜସେବୀ ଅମର ସେଠୀ, ବରିଷ୍ଠ ନେତା ଜ୍ୟୋତିକାନ୍ତ ସାମଲ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତାରେ ଡିସ୍କୋ ଏଣ୍ଡ ଫୋକ, ବ୍ରହ୍ମପୁର ଗ୍ରୁପ ଚାମ୍ପିଅନ ହୋଇଥିବାବେଳେ ତାଙ୍କୁ ଟ୍ରଫି, ସାର୍ଟିଫିକେଟ ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ସେହିଭଳି ସବୁ ବର୍ଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ରାଶି, ଟ୍ରଫି, ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ କାର୍ଯ୍ୟକ୍ରମକୁ ବେତନଟୀ ଅଞ୍ଚଳର ଅଗଣିତ ଦର୍ଶକ ଉପଭୋଗ କରିବା ସହିତ ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ଲୁକାୟିତ ପ୍ରତିଭା ସାମ୍ନାକୁ ଆସିବା ଦ୍ୱାରା ଏହି ଭିନ୍ନ କାର୍ଯ୍ୟକ୍ରମକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । କାର୍ଯ୍ୟକ୍ରମରେ ଭୂମି ଡ୍ୟାନ୍ସ ଷ୍ଟୁଡିଓର କୋ-ଫାଉଣ୍ଡର ପାର୍ଥସାରଥୀ ସାମଲ, ଉପଦେଷ୍ଟା ପୁଷ୍ପଲତା ମହାନ୍ତି, ପରିଚାଳନାରେ ଅବିନାଶ ସାମଲ ପ୍ରମୁଖ ସହଯୋଗ କରି କାର୍ଯ୍ୟକ୍ର ମକୁ ସଫଳ କରିଥିଲେ ।

## ଗଛ ଡାଳ ପଡ଼ି ଜଣେ ମୃତ

**ବାରିପଦା, ୧୯ ।୫(ସମିସ):** ସୋମବାର ରାତିରେ କାଳବୈଶାଖିଜନିତ ଝଡ଼ ତୋଫାନରେ ଗଛ ଡାଳ ପଡ଼ି ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣଙ୍କ ହେଲେ ଚାନ୍ଦୁଆ ଗ୍ରାମର ପରେଶ ଚନ୍ଦ୍ର ଦେଓ (୫୫) । ସେ ଘରକୁ ସାଇକଲ ଯୋଗେ ଫେରୁଥିବାବେଳେ ରାସ୍ତା ପାର୍ଶ୍ୱର ଏକ ଗଛ ଉପୁଡି ଡାଳ ପଡ଼ିଯିବାରୁ ଗୁରୁତର ଆହାତ ହୋଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବାରିପଦା ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚାନ୍ଦୁଆ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତକ ଜଣକ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବେତନଟୀ, ୧୯।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନୟାପୁରୁଷୋତ୍ତମପୁର ଗ୍ରାମ ନିକଟରେ ସୁବର୍ଣ୍ଣରେଖା କେନାଲ ପାର୍ଶ୍ୱରେ ଥିବା ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ସୋମବାର ଉଦ୍ଧାର କରାଯାଇଛି । ମୃତକ ହେଉଛନ୍ତି ସ୍ଥାନୀୟ ନୟାପୁରୁଷୋତ୍ତମପୁର ଗ୍ରାମର କାଇଲୁ ମାଝୀଙ୍କ ସ୍ତ୍ରୀ କାପୁରା ମାଝୀ (୫୦) । ରବିବାର ଅପରାହ୍ନରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା । ପରେ କାପୁରା ଘରୁ ବାହାରି ଯାଇ ଫେରି ନ ଥିଲେ । ସୋମବାର ପୂର୍ବାହ୍ନରେ ଘର ପାଖ କେନାଲ ପାର୍ଶ୍ୱରେ ଥିବା ଗଛରୁ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ବ୍ୟବଚ୍ଛେଦ ପରେ ଅପରାହ୍ନରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏ ଘଟଣାରେ ବେତନଟୀ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ପୁଲିସ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ଜାରି ରଖିଛି ।

## ବୋହୂର ଠେଙ୍ଗା ମାଡ଼ରେ ଶଶୁର ଆହତ

**ବେତନଟୀ, ୧୯।୫(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଥାନା ଅଧୀନ ବଡ଼ଗୋପାଳପୁର ଗ୍ରାମରେ ଏକ ଅସ୍ୱାଭାବିକ ଘଟଣା ଘଟିଛି । ବୋହୂ ତାଙ୍କ ଶାରୀରିକ ଅକ୍ଷମ ଶଶୁରଙ୍କୁ ଠେଙ୍ଗାରେ ଆକ୍ରମଣ କରି ଆହତ କରିଥିବା ଅଭିଯୋଗ ଉଠିଛି । ପୁଲିସ ଏନେଇ ତଦନ୍ତ ଆରମ୍ଭ କରିଛି । ଗ୍ରାମର ୭୪ ବର୍ଷୀୟ କୃପାସିନ୍ଧୁ ଦାସ ଶାରୀରିକ ଅକ୍ଷମ । ତାଙ୍କ ପୁଅ ଯୋଗେନ୍ଦ୍ର ବାହାରେ ରହୁଥିବାରୁ ପୁତ୍ରବଧୂ ଲିଲିମଣି ଗାଁରେ ପରିବାର ସହିତ ରହୁଛନ୍ତି । ଜଣେ ବନ୍ଧୁଙ୍କ ବିବାହ କାର୍ଯ୍ୟକ୍ରମରେ ଯୋଗଦେବା ବିଷୟକୁ ନେଇ ଲିଲିମଣିଙ୍କ ସହ କୃପାସିନ୍ଧୁଙ୍କ ବଚସା ହୋଇଥିଲା । ଉତ୍କ୍ଷିପ୍ତ ହୋଇ ଲିଲିମଣି ଶଶୁରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ । ଏଥିରେ ତାଙ୍କ କାନ୍ଧ ଓ ଗାଲରେ ଆଘାତ ଲାଗିଛି । ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ମଧ୍ୟ କୃପାସିନ୍ଧୁ ଅଭିଯୋଗ କରିଛନ୍ତି । କୃପାସିନ୍ଧୁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ବୈଶିଙ୍ଗା ଥାନାରେ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଜଙ୍ଗଲକୁ ଦାନ୍ତକାଠି କାଟିବାକୁ ଯାଇ ବୃଦ୍ଧ ନିଖୋଜ

**ବେତନଟୀ, ୧୯।୫(ସମିସ):** ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ଥାନା ଅଧୀନ ଗଡ଼ଗାଡ଼ିଆ ଗ୍ରାମର ଜଣେ ବୃଦ୍ଧ ରବିବାର ସକାଳେ ପାଖ ଜଙ୍ଗଲକୁ ଦାନ୍ତକାଠି



କାଟିବାକୁ ଯାଇ ନିଖୋଜ ହୋଇଯାଇଛନ୍ତି । ସେ ହେଉଛନ୍ତି ଗଙ୍ଗାଧର ମହାନ୍ତ (୫୫) । ଗଙ୍ଗାଧର ସକାଳ ପ୍ରାୟ ୮ଟା ବେଳେ ଘରୁ ବାହାରି ନିକଟବର୍ତ୍ତୀ ଜଙ୍ଗଲକୁ ଦାନ୍ତକାଠି କାଟିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇ ଜଙ୍ଗଲ ଓ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ । କିନ୍ତୁ କୌଣସି ସନ୍ଧାନ ମିଳି ନ ଥିଲା । ବିଳମ୍ବିତ ରାତିରେ ଗଙ୍ଗାଧରଙ୍କ ବୋହୂ ରିତା ମହାନ୍ତ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗଙ୍ଗାଧରଙ୍କୁ ଖୋଜାଖୋଜି ଜାରି ରହିଥିବା ବେଳେ ପୁଲିସ ଘଟଣାକୁ ଗୁରୁତର ସହକାରେ ନେଇ ତଦନ୍ତ ଚଳାଇଛି ।

## ଅସୀମା ସାହୁଙ୍କୁ ବାଣୀଚିତ୍ର ସିନେ ସମ୍ମାନ




**ବାରିପଦା, ୧୯ ।୫(ସମିସ):** ସ୍ୱନାମଧନ୍ୟା କବି, ଗାଳ୍ପିକା, ସ୍ତମ୍ଭକାର, ସୁଲେଖିକା ଡ ଅସୀମା ସାହୁଙ୍କୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ତାଙ୍କର ସାହିତ୍ୟ ସାଧନା ପାଇଁ ବାଣୀଚିତ୍ର ଚଳଚ୍ଚିତ୍ର ପତ୍ରିକାର ୫୮ ତମ ବାର୍ଷିକୀ ଉତ୍ସବରେ 'ବାଣୀଚିତ୍ର ସିନେ ଆୱାର୍ଡ-୨୦୨୬'ରେ ସମ୍ମାନିତ କରାଯାଇଛି । ସେ ଏହି ସମ୍ମାନ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପ୍ରାକ୍ତନ ପ୍ରଶାସକ ରବନାରାୟଣ ସେନାପତି, ଡାକ୍ତର ଉନ୍ମେଷ ଜେନା, ସମ୍ପାଦକ ଭାସ୍କର ଜେନାଙ୍କଠାରୁ ଗ୍ରହଣ କରିଥିଲେ । ପ୍ରଖ୍ୟାତ ସିନେ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ଟୁଟୁ ନାୟକ, ସିନେ ତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ, ଅସିତ ପତିଙ୍କ ଭଳି ବିଶିଷ୍ଟ କଳାକାରଙ୍କ ଉପସ୍ଥିତି ବେଶ୍ ଉତ୍ସାହପୂର୍ଣ୍ଣ ଥିଲା । ନିଜର ସାହିତ୍ୟ କୃତି ପାଇଁ ଡଃ ସାହୁ ପୂର୍ବରୁ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତିକ ପୁରସ୍କାର ପାଇଥିବାବେଳେ ତାଙ୍କର ଅନୁବାଦିତ କବିତା ପୁସ୍ତକ 'ପୂକାରେ କୋଇ କ୍ଷିତିଜ କେ ପାରସେ' ଏବେ ଭିଏତନାମରେ ପୁରସ୍କୃତ ହୋଇଛି । ବାଣୀଚିତ୍ର ସମ୍ମାନ ପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ହାଟବନ୍ଧରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣା ▸ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

**ରାଇରଙ୍ଗପୁର, ୧୯।୫(ସମିସ):** ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ମହୁଲଡିହାସ୍ଥ ହାଟବନ୍ଧରେ ବୁଡି ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଛି । ଉକ୍ତ ଘଟଣାକୁ ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ଏ ନେଇ ତାଙ୍କ ପିତା ଗାର୍ଦି ବାଇପାଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତିରିଂ ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ଗାର୍ଦି ବାଇପାଇ ଓ ଗୁରୁବାରୀ ବାଇପାଇଙ୍କ ଏକମାତ୍ର ପୁତ୍ର ଶୁବାଶିଷ ବାଇପାଇ (୧୪) । ସେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର । ମୁର୍ମୁ ଛକ ନିକଟସ୍ଥ ଦେଓଗାମ ଘରୋଇ କୋଚିଂ ସେଣ୍ଟରରେ ରହି ସମର୍ କ୍ଲାସ କରୁଥିଲେ । ରବିବାର ଅପରାହ୍ନ ପ୍ରାୟ ୩.୩୦ ଘଟିକା ସମୟରେ ମେସର ୭ ଜଣ ସାଙ୍ଗଙ୍କ ସହ ହାଟବନ୍ଧକୁ ଗାଧେଇବାକୁ ଯାଇଥିଲେ । ସେ ମେସକୁ ଫେରିନଥିଲେ । ଅନ୍ୟ ସାଙ୍ଗମାନେ ଫେରିଥିବାବେଳେ ସେ ନ ଆସିବାରୁ ଏ ସମ୍ପର୍କରେ ମେସ ମାଲିକ ତାଙ୍କ ବାପାଙ୍କୁ ସନ୍ଧ୍ୟାରେ ପୁଅ ନିଖୋଜ ଥିବା ନେଇ ସୂଚନା ଦେଇଥିଲେ । ପୁଅ ନିଖୋଜ ଥିବା ଖବର ପାଇ ବାପା ଗାର୍ଦି ବାଇପାଇ ରାଇରଙ୍ଗପୁର ପହଞ୍ଚି ପୁଅକୁ ଖୋଜାଖୋଜି କରି ନ ପାଇବାରୁ ରାଇରଙ୍ଗପୁର ଟାଉନ ଥାନାରେ ପୁଅ ନିଖୋଜ ଥିବା ନେଇ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ପୁଲିସ ମଧ୍ୟ ଖୋଜାଖୋଜି ଆରମ୍ଭ କରିଥିଲା । କିନ୍ତୁ କୌଣସି ସନ୍ଧାନ ପାଇ ପାରି ନ ଥିଲେ । ମେସରେ ଥିବା ତାଙ୍କ ସାଙ୍ଗଙ୍କ କହିବା ଅନୁଯାୟୀ, ସେ ହାଟବନ୍ଧରୁ କୁଆଡେ ପଳାଇ ଯାଇଥିଲେ । ରବିବାର ଖୋଜ ଖବର ନ ଥିବାବେଳେ ସୋମବାର ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି ଆରମ୍ଭ ହୋଇଥିଲା । ସୋମବାର ଅପରାହ୍ନରେ ବଡ଼ବନ୍ଧ ପାଣି ଭିତରୁ ଉଦ୍ଧାର



କରାଯାଇଥିଲା । ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମେସ ଆଖପାଖ ସିସିଟିଭି ଫୁଟେଜ ଯାଞ୍ଚ କରି ଆଠଜଣ ପିଲା ଗାଧେଇବାକୁ ଯାଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସାତଜଣ ମେସକୁ ଆସୁଥିବାର ସିସିଟିଭି ଫୁଟେଜରୁ ଜାଣିଥିଲେ । ପୁଅ ଦେହରେ କ୍ଷତଚିହ୍ନ ଥିବା ଯୋଗୁଁ ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ କୌଣସି କାରଣ ପାଇଁ ଝଗଡ଼ା ହୋଇଛି । ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରି ପୋଖରୀକୁ ଫିଙ୍ଗି ଦେଇଛନ୍ତି । ଶୁବାଶିଷ ସାଙ୍ଗମାନଙ୍କ ସହ ଗାଧୋଇବାକୁ ଯାଇଥିବାବେଳେ ଅଘଟଣ ଘଟିଛି । ତେଣୁ ତାଙ୍କୁ ହତ୍ୟା କରିଥିବା ନେଇ ରାଇରଙ୍ଗପୁର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତେଣୁ ୭ ଜଣ ସାଙ୍ଗ ଓ ମେସ ମାଲିକଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବାକୁ ନିବେଦନ କରିଛନ୍ତି । ସେ ମେସ ମାଲିକଙ୍କ ତତ୍ତ୍ୱାବଧାନରେ ଥିବାବେଳେ ଅପରାହ୍ନରେ କିପରି ତାଙ୍କୁ ସାଙ୍ଗମାନଙ୍କ ସହ ଗାଧେଇବାକୁ ଛାଡିଥିଲେ । ଉକ୍ତ ଘଟଣାରେ ମେସ ମାଲିକଙ୍କ ପ୍ରତି ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୃତ ଛାତ୍ରଙ୍କ ପରିବାର କହିଛନ୍ତି । ପରିବାର ଲୋକଙ୍କ ଅଭିଯୋଗ କ୍ରମେ ରାଇରଙ୍ଗପୁର ଟାଉନ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

**୭ ଜଣ ସହପାଠୀଙ୍କ ନାମରେ କଲେ ଅଭିଯୋଗ**

## ନିୟମିତ ହେଲା ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନ୍

**ବାରିପଦା, ୧୯ ।୫(ସମିସ):** ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ୱତନ୍ତ୍ର ଟ୍ରେନକୁ ନିୟମିତ ଏକ୍ସପ୍ରେସ୍ ଟ୍ରେନ୍‌ରେ ରୂପାନ୍ତରିତ କରାଯାଇଛି । ଭଞ୍ଜପୁର-ପୁରୀ-ଭଞ୍ଜପୁର ସ୍ପେସାଲ୍ ଟ୍ରେନ (୦୮୦୧୧/୦୮୦୧୨) ଏବେ ପୁରୀ-ଭଞ୍ଜପୁର ଏକ୍ସପ୍ରେସ୍ (୧୮୦୧୭/୧୮୦୧୮) ଭାବେ ପରିଚାଳିତ ହେବ । ଏହି ଦୁଇଟି ଟ୍ରେନ୍ ମେ' ୨୧ ଓ ୨୨ ତାରିଖରୁ ସେମାନଙ୍କ ନିୟମିତ ଯାତ୍ରା ସେବା ଆରମ୍ଭ କରିବେ । ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ (୧୮୦୧୭) ଭଞ୍ଜପୁରରୁ ରାତି ୧୧ଟା ୧୦ରେ ଯାତ୍ରା ଆରମ୍ଭ କରି ପରଦିନ ସକାଳ ୫ଟା ୫୦ରେ ପୁରୀରେ ପହଞ୍ଚିବ । ସେହିପରି ପୁରୀ-ଭଞ୍ଜପୁର ଏକ୍ସପ୍ରେସ (୧୮୦୧୮) ଟ୍ରେନ ପୁରୀରୁ ରାତି ୧୧ଟା ୫୦ରେ ବାହାରି ପରଦିନ ସକାଳ ୬ଟା ୫୦ରେ ଭଞ୍ଜପୁରରେ ପହଞ୍ଚିବ । ଏହି ନିୟମିତ ଟ୍ରେନ୍ ପୂର୍ବ ଭଳି ଓଡ଼ିଶାର ବାରିପଦା, ବାଲେଶ୍ୱର, ସୋର, ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାରୋଡ୍‌କୁ ସଂଯୋଗ କରିବ ।

## ଗ୍ରାମ ସଭା ମୋବିଲାଇଜର୍‌ଙ୍କ ସଂଖ୍ୟା ହ୍ରାସ ବିରୋଧରେ ବିକ୍ଷୋଭ

**ବାରିପଦା, ୧୯ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲା ଗ୍ରାମ ସଭା ମୋବିଲାଇଜର୍ (ଜିଏସ୍‌ଏମ୍) ଆସୋସିଏସନ୍ ପକ୍ଷରୁ ମଙ୍ଗଳବାର ଜିଲ୍ଲା ମୁଖ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନ (ଆର୍‌ଜିଏସ୍‌ଏ) ଅଧୀନରେ ଗ୍ରାମ ସଭା ମୋବିଲାଇଜର୍‌ଙ୍କୁ ଏକ ଗ୍ରାମ ପଞ୍ଚାୟତରୁ ତିନି ଗ୍ରାମ ପଞ୍ଚାୟତ ପାଇଁ ଗୋଟିଏ ମୋବିଲାଇଜର୍ କରି ରାସନାଲାଇଜେସନ୍ କରିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି । ଆସୋସିଏସନ୍ ପକ୍ଷରୁ ଜିଲ୍ଲା ସଭାପତି ସୁଲୋଚନା ମହାନ୍ତ ଓ ଜିଲ୍ଲା ସମ୍ପାଦିକା ସବିତା ନାୟକଙ୍କ



ନେତୃତ୍ୱରେ ଶତାଧିକ ସଦସ୍ୟା ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ । ସଦସ୍ୟାମାନେ ପ୍ଲା-କାର୍ଡ ଓ ବ୍ୟାନର ପ୍ରଦର୍ଶନ ସହିତ ସରକାର ବିରୋଧୀ ଓ ନିଜର ଦାବି ସମ୍ବଳିତ ସ୍ଲୋଗାନ ଦେଇଥିଲେ । ପରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ ।

ଉକ୍ତ ଦାବିପତ୍ରରେ ପେସା ଅଞ୍ଚଳ ଓ ଅନୁସୂଚିତ ଜାତି ଅଧ୍ୟୁଷିତ ଦୂରବର୍ତ୍ତୀ ଅଞ୍ଚଳରେ ଏକ ମୋବିଲାଇଜର୍ ପାଇଁ ତିନି ଗ୍ରାମପଞ୍ଚାୟତ ପରିଚାଳନା ଅସମ୍ଭବ । ଏହା ଗ୍ରାମ ସଭା କାର୍ଯ୍ୟକାରିତା, ସଚେତନତା, ଯୋଜନା କାର୍ଯ୍ୟାନ୍ୱୟନ ଓ ଲୋକସଭାଗ ପ୍ରକ୍ରିୟାକୁ ପ୍ରଭାବିତ କରିବ ବୋଲି ଦର୍ଶାଯାଇଛି । ଅପରପକ୍ଷରେ ଦୀର୍ଘ ବର୍ଷ ଧରି ସେବା କରୁଥିବା ଅନେକ ମୋବିଲାଇଜର୍ ଚାକିରି ହରାଇବେ ଓ ପରିବାର ଆର୍ଥିକ ସଙ୍କଟରେ ପଡ଼ିବେ । ସେହିପରି ମୟୂରଭଞ୍ଜ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଜଙ୍ଗଲ ଓ ବିଚ୍ଛିନ୍ନ ଗ୍ରାମ ଥିବାରୁ ଜଣେ ବ୍ୟକ୍ତି ପାଇଁ ତିନି ପଞ୍ଚାୟତ ଦାୟିତ୍ୱ ନେବା କଷ୍ଟକର । ଫଳରେ ପେସା ଆଇନ୍ ଓ ଗ୍ରାମ ସ୍ୱରାଜ ଅଭିଯାନର ଉଦ୍ଦେଶ୍ୟ ବ୍ୟାହତ ହେବ ଓ ଗ୍ରାମ ସ୍ତରରେ ସରକାରୀ ଯୋଜନା ପହଞ୍ଚାଇବାରେ ଅସୁବିଧା ହେବ । ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ଯେ, କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିର ପୁନର୍ବିଚାର କରାଯାଉ ଓ ପେସା ଅଞ୍ଚଳରେ ପ୍ରତି ଗ୍ରାମପଞ୍ଚାୟତ ପାଇଁ ଗୋଟିଏ ମୋବିଲାଇଜର୍ ନିଯୁକ୍ତି ଜାରି ରଖାଯାଉ । ସେବା କରିଥିବା ମୋବିଲାଇଜର୍‌ଙ୍କ ଜୀବିକା ସୁରକ୍ଷା ପାଇଁ ମଧ୍ୟ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି । ଦାବିପତ୍ରର ଏକକିତା ନକଲ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ସାଂସଦ ଓ ସମସ୍ତ ବିଧାୟକଙ୍କୁ ପ୍ରେରଣ କରାଯାଇଛି । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏପ୍ରିଲ୍ ୧, ୨୦୨୬ଠାରୁ ଏହି ନୂତନ ନିୟମ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଜାରି ପରେ ଏହା ବିରୋଧରେ ମୟୂରଭଞ୍ଜ ଜିଲ୍ଲା ଆସୋସିଏସନ୍ ପ୍ରଥମଥର ଆନୁଷ୍ଠାନିକ ପ୍ରତିବାଦ କରିଛି । ଦାବି ପୂରଣ ନ ହେଲେ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି । କଂଗ୍ରେସ ପକ୍ଷରୁ ପ୍ରମୋଦ ହେମ୍ବ୍ରମ, ସରୋଜ ନାଏକ, ରଶ୍ମିତା ମିଶ୍ର, ଭିକି ମହାପାତ୍ର ପ୍ରମୁଖ ଦାବିକୁ ସମର୍ଥନ ଜଣାଇ ପ୍ରତିବାଦରେ ସାମିଲ ହୋଇଥିଲେ ।

**କାଳବୈଶାଖୀ ପ୍ରଭାବ**

## ରାଜପଥ ଉପରେ ଭାଙ୍ଗି ପଡ଼ିଲା ଗଛ, ଯାତାୟତ ବାଧାପ୍ରାପ୍ତ



**କରଞ୍ଜିଆ, ୧୯।୫(ସମିସ):** କରଞ୍ଜିଆ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି । ବିଶେଷକରି ଠାକୁରମୁଣ୍ଡା ୫୩ନଂ ଜାତୀୟ ରାଜପଥର କରଞ୍ଜିଆ ବ୍ଲକ ଅନ୍ତର୍ଗତ ରସମତଳା ଓ ମଣ୍ଡୁଆ ରାସ୍ତା କଡ଼ରେ ଥିବା ବହୁ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିଲା । ଫଳରେ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଝଡ଼ ସମୟରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ କମ୍ ଥିବାରୁ କୌଣସି ପ୍ରକାର ଜୀବନହାନି କିମ୍ବା ବଡ଼ଧରଣର ଦୁର୍ଘଟଣା ଘଟିନଥିବା ଜଣାପଡ଼ିଛି । ତେବେ ଅଞ୍ଚଳର କିଛି ସ୍ଥାନରେ ଘର ଉପରେ ମଧ୍ୟ ଗଛ ଭାଙ୍ଗିପଡ଼ିବାରୁ ସ୍ଥାନୀୟ ଲୋକ ଆତଙ୍କିତ ହୋଇପଡ଼ିଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇବା ସହ ଯାତାୟାତକୁ ସ୍ୱାଭାବିକ କରିଥିଲେ । ଏହି କାର୍ଯ୍ୟରେ ସ୍ଥାନୀୟ ଲୋକ ସହଯୋଗ କରିଥିଲେ ।

## ପୁଣି ଖୋଲିଲା ଟ୍ରାଇବାଲ ମାର୍ଟ ଓ ସୁଭଦ୍ରା ଶକ୍ତି କାଫେ

**କରଞ୍ଜିଆ, ୧୯।୫(ସମିସ)**

କରଞ୍ଜିଆ ଅଞ୍ଚଳରେ ଦୀର୍ଘଦିନ ଧରି ବନ୍ଦ ଅବସ୍ଥାରେ ପଡ଼ିରହିଥିବା ଦୁଇଟି ସରକାରୀ ଯୋଜନା ପୁଣିଥରେ ଜୀବନ୍ତ ହୋଇଛି । ଏସ୍‌ବିଆଇ ବ୍ୟାଙ୍କ ନିକଟରେ ଅବସ୍ଥିତ ଟ୍ରାଇବାଲ ମାର୍ଟ ଓ ମିଶନ ଶକ୍ତି କାଫେ ଦୀର୍ଘ ସମୟ ଧରି ଅଚଳ ହୋଇ ପଡ଼ିଥିବାବେଳେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍କାଳ ପଦକ୍ଷେପ ଗ୍ରହଣ କରାଯାଇ ଏହାକୁ ପୁନର୍ବାର ସକ୍ରିୟ କରାଯାଇଛି । ବର୍ତ୍ତମାନ ଏହି ଦୁଇଟି ପ୍ରକଳ୍ପକୁ ଆଦିବାସୀ ଟ୍ରାଇବାଲ ମାର୍ଟ ଓ ସୁଭଦ୍ରା ଶକ୍ତି କାଫେ ନାମରେ ନୂତନ ରୂପ ଦେଇ ସାଧାରଣ ଲୋକଙ୍କ ସେବାରେ ପୁନଃ ଆରମ୍ଭ କରାଯାଇଛି ।

ଆଦିବାସୀ ମହିଳାଓ ଗ୍ରାମୀଣ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ଓ ସ୍ୱାବଲମ୍ବନ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପଗୁଡ଼ିକ ଖୋଲାଯାଇଥିଲା । କିନ୍ତୁ ଦୀର୍ଘଦିନ ଧରି ପରିଚାଳନାର ଅଭାବ ଓ ଅବହେଳା କାରଣରୁ ଏହା ବନ୍ଦ ହୋଇପଡ଼ିଥିଲା । ପରିସ୍ଥିତି ଏମିତି




ହୋଇଥିଲା ଯେ, ପ୍ରକଳ୍ପ ପରିସର ଧୀରେ ଧୀରେ କର୍ମଚାରୀଙ୍କ ଯାନବାହନ ରଖିବା ସ୍ଥାନରେ ପରିଣତ ହୋଇଥିଲା । ଏଥିପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ଏ ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଚେତନାଶୀଳ ହୋଇ ତତ୍ପରତା ଦେଖାଇଥିଲେ । ପରେ ଦୁଇଟି ପ୍ରକଳ୍ପକୁ ପୁନଃ ଚାଲୁ କରାଯାଇଥିବାବେଳେ ଏହାକୁ ନୂତନ ଢଙ୍ଗରେ ସଜାଯାଇଛି । ଆଇଟିଡିଏ କରଞ୍ଜିଆ ପକ୍ଷରୁ ନିର୍ମିତ ଆଦିବାସୀ ଟ୍ରାଇବାଲ ମାର୍ଟରେ ଏବେ ଆଦିବାସୀ ହସ୍ତଶିଳ୍ପ ସାମଗ୍ରୀ, ଜଙ୍ଗଲଜାତ ଉତ୍ପାଦ, ଘରୋଇ ପ୍ରସ୍ତୁତ ଖାଦ୍ୟ ଓ ବିଭିନ୍ନ ପାରମ୍ପରିକ ସାମଗ୍ରୀ ଉପଲବ୍ଧ ରହିବ । ଏଥିରେ ସ୍ଥାନୀୟ ଆଦିବାସୀ କଳା ଓ ସଂସ୍କୃତିର ଛାପ ଦେଖିବାକୁ ମିଳୁଥିବାରୁ ଏହା ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାର ଆଶା କରାଯାଉଛି । ସେହିପରି ସୁଭଦ୍ରା ଶକ୍ତି କାଫେରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଉପଲବ୍ଧ ହେବ । ଏହା ମାଧ୍ୟମରେ ସ୍ଥାନୀୟ ମହିଳାମାନେ ରୋଜଗାରର ସୁଯୋଗ ପାଇବା ସହିତ ନିଜ ପ୍ରତିଭା ଓ ପାରମ୍ପରିକ ରନ୍ଧନ କଳାକୁ ମଧ୍ୟ ପ୍ରଦର୍ଶନ କରିପାରିବେ । ଏହି ପଦକ୍ଷେପ ମହିଳା ସଶକ୍ତୀକରଣ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । ଦୀର୍ଘଦିନ ପରେ ଏହି ଦୁଇଟି ପ୍ରକଳ୍ପ ପୁଣିଥରେ କାର୍ଯ୍ୟକ୍ଷମ ହୋଇଥିବାରୁ କରଞ୍ଜିଆ ଅଞ୍ଚଳରେ ଆଶ୍ୱସ୍ତିର ପରିବେଶ ସୃଷ୍ଟି ହୋଇଛି । ସାଧାରଣ ଲୋକ ଏହାକୁ ସ୍ୱାଗତ କରିଥିବାବେଳେ ଆଗାମୀ ଦିନରେ ପ୍ରଶାସନ ଏହାର ନିୟମିତ ପରିଚାଳନା ଓ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

**ସକାଳ ପ୍ରଭାବ**

ସକାଳ THE SAKALA



www.sakalaepaper.com

## ପିଟାନାଳି ସାହିରେ ପାନୀୟ ଜଳ ସମସ୍ୟା

# ଶୋଷ ମେଣ୍ଟାଉଛି ଡିମିରିଚୁଆ ନାଳର ଦୂଷିତ ପାଣି

ତେଲକୋଇ, ୧୯।୫(ସମିସ)



ଗ୍ରୀଷ୍ମର ପ୍ରବାହ ବୃଦ୍ଧି ପାଇବା ଯୋଗୁଁ ଜଳସ୍ତର କମିବା ସହ ଗାଁ ଗାଁରେ ଦେଖାଦେଇଛି ପାନୀୟଜଳ ସମସ୍ୟା। ଲୋକେ ପିଇବା ପାଣି ଟିକେ ପାଇଁ ତହଳ ବିକଳ ହେଉଛନ୍ତି। ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାପାଇଁ ସରକାରୀ ବାବୁଙ୍କୁ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ଲୋକଙ୍କ ଅଭିଯୋଗ ପରେ ମଧ୍ୟ ସରକାରୀ ବାବୁଙ୍କ ଏଥିପ୍ରତି ନିଘା ନଥିବା ଦେଖିବାକୁ ମିଳିଛି। ଏଭଳି ଏକ ନଗ୍ନଚିତ୍ର ଦେଖିବା ପାଇଁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଓରିଆ ପଞ୍ଚାୟତ ପିଟାନାଳି ସାହିରୁ।

ଓରିଆ ପଞ୍ଚାୟତ ପିଟାନାଳି ସାହିରେ ୮୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠି ବର୍ଷତମାମ ବିଶୁଦ୍ଧ ପାନୀୟଜଳର ସମସ୍ୟା ଲାଗିରହିଛି। ସାହି ଲୋକେ ଦେଢ କିଲୋମିଟର ଦୂର ଡିମିରିଚୁଆ ନାଳରେ ଚୁଆ ଖୋଳି ଦୂଷିତ ଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ କରିଛନ୍ତି ସାହିବାସୀ। ପାନୀୟଜଳ ନିମନ୍ତେ ସାହିରେ ସୋଲାର ପ୍ରକଳ୍ପ ସହିତ ନଳକୂପ ମଧ୍ୟ ରହିଛି। ହେଲେ ମରାମତି ଅଭାବରୁ ସେଗୁଡିକ ଅଚଳ ହୋଇ ପଡ଼ିରହିଛି। ଯା'ଫଳରେ ପିଟାନାଳି ସାହିରେ ଜଳ ସଂକଟ ଦେଖାଦେଇଛି। ଲୋକେ ବାଧ ହୋଇ ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି। ପାନୀୟଜଳ ପାଇଁ ସାହିବାସୀ ସରପଞ୍ଚଙ୍କଠାରୁ ଆରମ୍ଭ କରି ସରକାରୀ ବାବୁଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନେହୁରା ହୋଇ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ କଥାକୁ କେହି ଶୁଣୁ ନଥିବା ସାହି ଲୋକେ ଅଭିଯୋଗ କରିଛନ୍ତି। ସୋଲାର ପ୍ରକଳ୍ପ ଓ ନଳକୂପଗୁଡିକ କାର୍ଯ୍ୟକ୍ଷମ ହେଉ ନଥିବାରୁ ଚୁଆ ପାଣି ଲୋକଙ୍କର ଏକମାତ୍ର ଭରସା ପାଲଟିଛି। ଆଉ ଚୁଆର ଦୂଷିତ ପାଣି ପିଇ ସାହିରେ ଝାଡ଼ାବାନ୍ତି ସହ ମ୍ୟାଲେରିଆ ଜ୍ୱର ପ୍ରଭାବ ଯୋଗୁଁ ମେଡ଼ିକାଲକୁ ଦୌଡି ଦୌଡି ନୟାନ୍ତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଯେଉଁ ସ୍ଥାନରେ ପାନୀୟଜଳ ସମସ୍ୟା ରହିଛି ସେଠି ଟ୍ୟାଙ୍କର ଯୋଗେ ପଞ୍ଚାୟତ ପକ୍ଷରୁ ଲୋକଙ୍କୁ ପାନୀୟଜଳ ଯୋଗାଇବା ପାଇଁ ସରକାରୀ ବ୍ୟବସ୍ଥା ରହିଛି। ହେଲେ ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ନିୟମକୁ ଫୁ କରି ଉଡାଇ ଦେଉଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ବନ୍ଧରେ ତେଲକୋଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ କହିଲେ, ଅଚଳ ଥିବା ନଳକୂପଗୁଡ଼ିକୁ ଗୋଟିଏ ଦିନ ମଧ୍ୟରେ ମରାମତି ପାଇଁ ଚେଷ୍ଟା କରିବୁ। ଯଦି ସମ୍ଭବ ନହେଲା ତା'ହେଲେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବୁ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ତୁରୁମୁଙ୍ଗା, ୧୯।୫(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଶଙ୍ଖୁଆ ଗ୍ରାମରେ ଗାଧୋଇବା ସମୟରେ ପୋଖରୀରେ ବୁଡ଼ି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ନାବାଳକ ହେଲେ ଶଙ୍ଖୁଆ ଗ୍ରାମର ଲମ୍ବୋଦର ନାଏକଙ୍କ ପୁଅ ପ୍ରଦୀପ (୧୫)। ମଙ୍ଗଳବାର ସେ ସାଙ୍ଗମାନଙ୍କ ସହ ପୋଖରୀକୁ ଗାଧେଇବା ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ପୋଖରୀ ଭିତରକୁ ଖସି ବୁଡି ଯାଇଥିଲେ। ପୋଖରୀରେ ବୁଡିଯିବା ଜାଣି ତୁରନ୍ତ ପରିବାର ଲୋକଙ୍କୁ ଜଣାଇବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସହାରପଡା ଅଗ୍ନିଶମ ବାହିନୀ ଆସି ଉଦ୍ଧାର କରି ୧୦୮ ସହାୟତା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାହାରପଡା ଫାଣ୍ଡି ଏସଆଇ ପାର୍ତ୍ତ ଓରାମ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବରଯାତ୍ରୀ ଗାଡ଼ି ଓଲଟି ୨୦ ଆହତ



ଆନନ୍ଦପୁର, ୧୯।୫(ସମିସ): କାଠପାଳ ନିକଟରେ ବରଯାତ୍ରୀ ଗାଡ଼ି ପଲଟି ଯାଇ ୮ ଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଘସିପୁରା ଥାନା ଶାମୁକା ନେଣ୍ଡି ପଞ୍ଚାୟତ ବରବାହାଳିରୁ ଢେଙ୍କାନାଳର ଖଡ଼ସପୁରକୁ ବର ଯାତ୍ରୀଙ୍କୁ ନେଇ ଯାଉଥିବା ଟାଟାଏସି ଗାଡି କାଠପାଳ ନିକଟରେ ଗାଡିର ଚକା ଫାଟିଯିବାରୁ ଗାଡିଟି ଓଲଟି ପଡିଥିଲା। ଗାଡ଼ିରେ ଥିବା ମୋଟ ୨୫ ଜଣଙ୍କ ମଧ୍ୟରୁ ପାଞ୍ଚ ଜଣ ଗୁରୁତର ଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ଅନ୍ୟ ଏକ ବୋଲେରୋ ଗାଡିରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତ ବିପିନ ମୁର୍ମୁ, ସିଦ୍ଧ ହାସଁଦା, ଯୁଧିଷ୍ଠିର ହାସଁଦା, କ୍ଷେତ୍ରମୋହନ ହାସଁଦା, କୃଷନ ହାସଁଦା, ଧୋନି ହାସଁଦା, ରାମ ହାସଁଦା, ଲାଲମୋହନ ଟୁଡୁଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି।

## ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପରିବାରକୁ ଅନ୍ତ୍ୟୋଦୟ ଗୃହ



ତୁରୁମୁଙ୍ଗା, ୧୯।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ମୁରୁସୁଆଁ ପଞ୍ଚାୟତ କୋଚିଲାପୋଡ଼ା ଗ୍ରାମର ସୌଦାମିନୀ ମହାନ୍ତଙ୍କ ଘର ଗତ ଜାନୁଆରୀ ମାସ ୬ ତାରିଖ ହାତୀ ଉପଦ୍ରବରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିଲା। ଘର ଭାଙ୍ଗିଯିବା ପରେ ପରିବାର ଦୀର୍ଘଦିନ ଧରି ଅନେକ ସମସ୍ୟାର ସମ୍ମୁଖୀନ ହୋଇଆସୁଥିଲେ। ଘର ନଥିବାରୁ ପରିବାର ଲୋକେ ଚିନ୍ତାରେ ରହୁଥିଲେ। ଏନେଇ ଜଙ୍ଗଲ ବିଭାଗର ଅନୁମୋଦନକ୍ରମେ ମଙ୍ଗଳବାର ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ମୁରୁସୁଆଁ ପଞ୍ଚାୟତ ସରପଞ୍ଚ ହରିଶଙ୍କର ଦେହୁରୀ, ପିଇଓ ନୀତିଶ ରାଉତ ଏବଂ ଏଡିଇଓ ମୋନାଲିସା ମହାନ୍ତ ସୌଦାମିନୀ ମହାନ୍ତଙ୍କୁ ଅନ୍ତ୍ୟୋଦୟ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସରକାରୀ ସହାୟତାରେ ଗୃହ ମିଳିବା ପରେ ସୌଦାମିନୀଙ୍କ ପରିବାର ଲୋକେ ଖୁସି ବ୍ୟକ୍ତ କରିଛନ୍ତି।

## ଗାୟିକା ଶୁଭଶ୍ରୀଙ୍କୁ ବାଣୀଚିତ୍ର ରାଜ୍ୟ ସିନେ ସମ୍ମାନ



ଆନନ୍ଦପୁର, ୧୯।୫ (ସମିସ): ଗାୟିକା ଶୁଭଶ୍ରୀ ଓଡ଼ିଶାର ମର୍ଯ୍ୟାଦାଜନକ ସିନେ ପୁରସ୍କାର ପାଇଥିବାରୁ ଆନନ୍ଦପୁର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଚଳିତବର୍ଷ ଭୁବନେଶ୍ୱରରେ ୫୮ ତମ ବାଣୀଚିତ୍ର ଆୱାର୍ଡ ଉତ୍ସବରେ ତାଙ୍କୁ ଉତ୍ତରୀୟ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ଘଷିପୁରା ବ୍ଲକ୍ ଅନ୍ତର୍ଗତ ଖଡ଼ିକାଶୂଳବାହାଳିର ଗୁମାନ ଜେନାଙ୍କ ଝିଅ ଅଟନ୍ତି। ଏହି ଉପଲକ୍ଷେ ଆୟୋଜିତ ବର୍ଣାଢ୍ୟ ଉତ୍ସବରେ ଶୁଭଶ୍ରୀ ଙ୍କୁ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ବୋଉ ଟୁବୁ ସିନେମାର ଅଭିନେତା ସବ୍ୟସାଚୀ ମିଶ୍ର ଓ ନାୟିକା ଅର୍ଚ୍ଚନା ଶୁଭଶ୍ରୀଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ ଗାୟିକା ସମ୍ମାନ ପଦାନ କରିଥିଲେ। ତାଙ୍କର ଏପରି କୃତିତ୍ୱ ପାଇଁ ଆନନ୍ଦପୁର କଳାକାରମାନେ ଶୁଭେଚ୍ଛା ଜଣାଇଛନ୍ତି।

## ରାଜନୀତି ବିଜ୍ଞାନ ଟପ୍ପର ଅଫସାନାଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୯।୫ (ସମିସ): ଆନନ୍ଦପୁର ଉପଖଣ୍ଡ ଗଡ଼ବାନ୍ଧଗୋଡା ଗ୍ରାମର ମୁସଲିମ୍ ସାହିର ଜାବିର ହୁସେନ ଓ ରସିଦା ଖାତୁନ୍‌ଙ୍କ ଏକମାତ୍ର ଝିଅ ଅଫସାନା ଖାତୁନ ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟରେ +୩ ରାଜନୀତି ବିଜ୍ଞାନ ବିଭାଗରେ ଅଧ୍ୟୟନ କରିଥିଲେ। ଚଳିତ ବର୍ଷ ଧରଣୀଧର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନରେ ୧୧୫୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ କଲ୍ୟାଣୀ ବିଦ୍ୟାପୀଠ ଗଡବାନ୍ଧଗୋଡାରେ ଦଶମ ଓ ପତିତପାବନ କଲେଜରେ +୨ରେ ପ୍ରଥମ ଶ୍ରେଣୀରେ ପାସ୍ କରି ଗୌରବ ଆଣିଥିବା ବେଳେ ଚଳିତ ବର୍ଷ ରାଜନୀତି ବିଜ୍ଞାନରେ ଜିଲ୍ଲାରେ ପ୍ରଥମ ହୋଇ ଗାଁ ପାଇଁ ସୁନାମ ଆଣିଥିବାରୁ ଆଜି ଗଡ଼ବାନ୍ଧଗୋଡା ଗ୍ରାମବାସୀଙ୍କ ତରଫରୁ ଅଫସାନା ଖାତୁନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ରାମଚନ୍ଦ୍ର ନାୟକ, ପୂର୍ବତନ ଘସିପୁରା ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବିମଳ ନାୟକ, ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ମହେନ୍ଦ୍ର ନାୟକ, ମୌଲାନା ତାଜୁଦ୍ଦିନ୍, ଫକୀର ମହମ୍ମଦ, ଅବଦୁଲ ହକ୍, ସେଖ୍ ହନିଫ୍, ସେଖ୍ ଦଲାଲୁଦ୍ଦିନ୍ ସମ୍ବର୍ଦ୍ଧିତ କରିଥିଲେ। ଭବିଷ୍ୟତରେ ଜଣେ ଆଇଏଏସ୍ ଅଫିସର ହେବାର ଲକ୍ଷ୍ୟ ରଖିଛନ୍ତି ଅଫସାନା ଖାତୁନ। ବାପା ଜଣେ ବାଇକ ମେକାନିକ୍ ଭାବେ ପରିବାର ପ୍ରତିପୋଷଣ କରିବା ସହ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଝିଅର ପାଠ ପଢ଼ିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦେଇଛନ୍ତି। ଆର୍ଥିକ ଅନଗ୍ରସର ପରିବାରରେ ଜନ୍ମ ହୋଇ ମଧ୍ୟ ଝିଅଟିର ପାଠପଢ଼ା ପ୍ରତି ସବୁବେଳେ ଆଗ୍ରହ ଥିବାରୁ ବିଭିନ୍ନ ସ୍ଥାନରେ ହେଉଥିବା ବୃତ୍ତି ପରୀକ୍ଷାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଛନ୍ତି।

## ଏନ୍‌ଏମ୍‌ଏସ୍ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ହାଟଡ଼ିହୀ,୧୯।୫(ସମିସ): ଏନଏମଏସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ବୃନ୍ଦାବନଚନ୍ଦ୍ର ସରକାରୀ ଉପ୍ରା ବିଦ୍ୟାଳୟ, ଓରାଳିର ୫ଜଣ ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ସାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଜିସି ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଅନୀଲ୍ କୁମାର ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ସହ ଶିକ୍ଷାଧିକାରୀ ବିନୋଦ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ହରିଶ୍ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଭାବେ ସିଆରସିସି ଆଲୋକ କୁମାର ନାଥ, ଏସଏମସି ଅଧ୍ୟକ୍ଷ ଗଙ୍ଗାଧର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏକାଗ୍ରତା ହିଁ ସଫଳତାର ଚାବିକାଠି, ତେଣୁ ଯିଏ ମନପ୍ରାଣ ଦେଇ ଶିକ୍ଷା ଲାଭ କରେ ସେ ନିଶ୍ଚିତ ସଫଳତା ପାଇଥାଏ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଏନଏମଏସ ପରୀକ୍ଷାରେ ବ୍ଲକରେ କୃତୀ ଛାତ୍ରୀ ଶୁଭଶ୍ରୀ ବେହେରା, ଦୀପ୍ତିରେଖା ବାରିକ, ରିଙ୍କି ଜେନା, ସାଇ ପ୍ରୀତି ପ୍ରତୀକ୍ଷା ଜେନା, ରାଜଶ୍ରୀ ସେଠୀ ଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀଙ୍କ ଏପରି ନିଷ୍ଠାପର ଶିକ୍ଷାଦାନ ଜାରି ରହିଲେ ଆଗାମୀ ଦିନରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ସଫଳତା ପାଇପାରିବେ ବୋଲି ଅତିଥିମାନେ ମତ ଦେଇଥିଲେ। ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍, ପ୍ରଦୀପ୍ କୁମାର ବିଶ୍ୱାଳ, ମାଧବାନନ୍ଦ କର, ଲିପିକା ନାୟକ, ନାରାୟଣ ରାଉତ୍, ନିତ୍ୟାନନ୍ଦ ସେଠୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତବର୍ଷ ମଧ୍ୟ ଏହି ବିଦ୍ୟାଳୟରୁ ୯ ଜଣ ଛାତ୍ରଛାତ୍ରୀ ଏନ୍‌ଏମ୍‌ଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରି ସମଗ୍ର ବ୍ଲକରେ ପ୍ରଥମ ସ୍ଥାନ ହାସଲ କରିଥିଲେ।

# ପୁଟୁଘର ଜଳପ୍ରପାତ ଓ ସୁରକ୍ଷା ସମିତିର ବୈଠକ

ତେଲକୋଇ, ୧୯।୫(ସମିସ)



କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡାସ୍ଥିତ ପୁଟୁଘର ଜଳପ୍ରପାତକୁ ଶୀତ ଦିନେ ବହୁ ପର୍ଯ୍ୟଟକ ଆସି ବଣ ଭୋଜିର ଆସର ଜମାଇଥାନ୍ତି। ଏପରିକି ବର୍ଷା ଦିନଗୁଡ଼ିକ ଛାଡ଼ି ଅନ୍ୟ ମାସଗୁଡିକରେ ବହୁ ପର୍ଯ୍ୟଟକଙ୍କ ଭିଡ଼ ରହିଥାଏ। ପୁଟୁଘର ଜଳପ୍ରପାତର ମନୋରମ ଦୃଶ୍ୟକୁ ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରିଥାଏ। ଏନେଇ ପୁଟୁଘର ଜଳପ୍ରପାତର ବିକାଶ ପଥେ ପୁଟୁଘର ଜଳପ୍ରପାତ ଓ ସୁରକ୍ଷା ସମିତି ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନେତାଙ୍କଠାରେ ଦୀର୍ଘ ବର୍ଷ ଅଳି କରୁଥଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟ କରାଯାଇ ନାହିଁ। ତେବେ ଏହି ପରିପ୍ରେକ୍ଷୀରେ ସୁରକ୍ଷା ସମିତି ପକ୍ଷରୁ ପୁଟୁଘର ଜଳପ୍ରପାତଠାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଥିଲା। ଏହି ବୈଠକ ସୁରକ୍ଷା ସମିତିର ସମ୍ପାଦକ ଖଗେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଥିବା ବେଳେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡାକ୍ତର ଫକୀର ମୋହନ ନାଏକ ସାମିଲ ରହିଥିଲେ। ସୁରକ୍ଷା ସମିତି ପକ୍ଷରୁ ସ୍ୱତନ୍ତ୍ର ଭାବେ ବିଧାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ପୁଟୁଘର ଜଳପ୍ରପାତର ଏତିହ୍ୟକୁ ଓଡ଼ିଶା ମାନଚିତ୍ରରେ ପର୍ଯ୍ୟଟନସ୍ଥଳୀରେ ନାମ ଉଲ୍ଲେଖ ରହିବ ଉପରେ ଆଲୋକପାତ କରିବା ସହ ପୁଟୁଘର ଜଳପ୍ରପାତ ଉନ୍ନତୀକରଣକୁ ଗୁରୁତ୍ୱ ଦିଆଯିବା ପାଇଁ ସମିତି ପକ୍ଷରୁ ବିଧାୟକଙ୍କୁ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ବିଧାୟକ ଏହି ପର୍ଯ୍ୟଟନସ୍ଥଳକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଇ ବିକାଶମୂଳକ କାର୍ଯ୍ୟ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଧାୟକ ଡାକ୍ତର ଫକୀର ମୋହନ ନାଏକ କହିଲେ ଯେ ବାଂଶପାଳ ବ୍ଲକଠାରୁ ବାହାରାଗଡଠାରୁ ପୁଟୁଘର ଓ ଶିବନାରାୟଣପୁର ଗୋଡ଼ାଠାରୁ ପୁଟୁଘରକୁ ରାସ୍ତା କାର୍ଯ୍ୟ ନିର୍ମାଣ ଆରମ୍ଭ ହୋଇଯାଇଛି। ପର୍ଯ୍ୟଟକ ନିମନ୍ତେ ରହଣିସ୍ଥଳ, ପିଣ୍ଡି, ପାହାଚ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟ କରାଯିବା ପାଇଁ ଗୁରୁତ୍ୱ ଦେବି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ବୈଠକରେ ସୁରକ୍ଷା ସମିତିର ସଭାପତି ଶରତ କୁମାର ପହି, ଉପ ସଭାପତି ଘନଶ୍ୟାମ ନାୟକ, ସହସମ୍ପାଦକ ବିଜୟ କୁମାର ସେଠୀ, କୋଷାଧ୍ୟକ୍ଷ ଶଙ୍କରଶଣ ମହାନ୍ତ ଓ ଉପଦେଷ୍ଟା ପାଣ୍ଡବ ଚରଣ ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ରହିଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଗୋପବନ୍ଧୁ ନାୟକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ମଲ୍ଲିକ, ରେଞ୍ଜର ଅଶୋକ କୁମାର ମାଝି, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ପ୍ରଫୁଲ୍ଲ ସାହୁ, ପ୍ରମୋଦ କୁମାର ସାହୁ, କ୍ରିଷ୍ଣାପ୍ରସାଦ ସାହୁ, ବିକ୍ରମ ମହାନ୍ତ, ସନ୍ତୋଷ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆହତ ବିଜେପି ନେତାଙ୍କୁ ଭେଟିଲେ ରାଜ୍ୟ ସଭାପତି



ଆନନ୍ଦପୁର, ୧୯।୫ (ସମିସ): ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁଙ୍କ ସଡ଼କ ଦୁର୍ଘଟଣାରେ ବାମ ଗୋଡ଼ ଭାଙ୍ଗି ଯାଇଥିବା ଖବର ପାଇ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଆଜି ଶ୍ରୀ ସାହୁଙ୍କ ଆନନ୍ଦପୁର ସହରସ୍ଥ ଲକ୍ଷ୍ମୀ ବଜାର ସାହିସ୍ଥିତ ବାସଭବନ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ ଓ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତତସହିତ ଜିଲ୍ଲାର ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଓଡିଶାରେ ଚଳିତ ବର୍ଷ ରବି ଧାନ ସଂଗ୍ରହ ଅଭିଯାନ କିଭଳି ଭାବେ ଶୃଙ୍ଖଳିତ ଭାବେ ହୋଇପାରିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ମଲ୍ଲିକ, ଯୁବ ସମାଜସେବୀ ଦେବରଞ୍ଜନ ସାହୁ,ନିତ୍ୟାନନ୍ଦ ପହି, କେଦାର ସାମଲ, ବିଭୁପ୍ରସାଦ ସାହୁ, ସ୍ମୃତିରଞ୍ଜନ ସାହୁ, ମନୋରଞ୍ଜନ ସାହୁ, ଅଜୟ କୁମାର ହୋତା, ରବିନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ପାତ୍ର, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର ସାହୁ, କପିଳା ମଲ୍ଲିକ, ପଦ୍ମନାଭ ସାହୁ, ଆଶୋକ କୁମାର ରାଉତ, ଭଗବାନ ମହାରଣା ପ୍ରମୁଖ ବହୁତ ବିଶିଷ୍ଟ ବ୍ୟକ୍ତି ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ସର୍ବଦଳୀୟ ବୈଠକ

କେନ୍ଦୁଝର, ୧୯।୫(ସମିସ)



ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝରଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ସମ୍ବନ୍ଧୀୟ ବୈଠକ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ଅଧକ୍ଷତାରେ ମିନି କନଫରେନ୍ସ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଜିଲ୍ଲାରେ ଏସଆଇଆର ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ନେଇ ଆଲୋଚନା କରାଯାଇଥିଲା।

ବୈଠକରେ ଜିଲ୍ଲାପାଳ ଏସଆଇଆର ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ। ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଦଳଗୁଡ଼ିକର ପ୍ରତିନିଧି ମାନଙ୍କୁ ନିବେଦନ କରିଥିଲେ। ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସଆଇଆର କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଅତିରିକ୍ତ ଉପଜିଲ୍ଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର (ନିର୍ବାଚନ) ଅରୁଣିମା ସାହୁ, ଦୀନେଶ ପୂର୍ତ୍ତି, ମିତାଲି ମଧୁସ୍ମିତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ପରିଡ଼ା, ଭାରତୀୟ ଜନତା ପାର୍ଟିର ପ୍ରକାଶ ସୂତ୍ରଧର, ବିଜୁ ଜନତା ଦଳର ପ୍ରମୋଦ ପଟ୍ଟନାୟକ, ଭାରତୀୟ ଜାତୀୟ କଂଗ୍ରେସର ସୁଜଳ କୁମାର ସେଠୀ, ଆମ ଆଦମୀ ପାର୍ଟିର ଭବାନୀଶଙ୍କର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଏସ୍‌ଆଇଆର୍‌କୁ ନେଇ ଜିଲ୍ଲାସ୍ତରୀୟ ବୈଠକ

# ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ଫର୍ମ ବଣ୍ଟନ ଓ ସଂଗ୍ରହ

■ ଜୁଲାଇ ୫ରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ
■ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା

ବାରିପଦା, ୧୯।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ସ୍ୱଚ୍ଛ, ନିର୍ଭୁଲ ଓ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟାନ୍ୱୟନ କରିବା ନେଇ ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଏକ ବିସ୍ତୃତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେଇ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁଯାୟୀ ଜୁଲାଇ ୧ ତାରିଖକୁ ଏସଆଇଆର୍ ପାଇଁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ମଇ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରିଣ୍ଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବା ପରେ ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ଭୋଟରଙ୍କ ପରିଦର୍ଶନ କରିବା ସହ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଏହାସହିତ ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ କାର୍ଯ୍ୟ ସମ୍ପନ୍ନ ହେବାକୁ ଥିବାବେଳେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ସେଗୁଡ଼ିକର ସମାଧାନ ପ୍ରକ୍ରିୟା ଚାଲିବ। ଶେଷରେ ସେପ୍ଟେମ୍ବର ୬ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ।

ଉକ୍ତ ବୈଠକରେ ଭୋଟର ତାଲିକାର ସଠିକତା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଭୂମିକା ଓ ଦାୟିତ୍ୱ ଉପରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାର ୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ମୋଟ ୧୪୨୧ ଜଣ ବିଏଲଏ ମନୋନୀତ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ଅଧିକାଂଶ ଭୋଟରଙ୍କ ମ୍ୟାପିଙ୍ଗ ଓ ବର୍ଗୀକରଣ କାର୍ଯ୍ୟ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସମ୍ପାଦିତ ହୋଇସାରିଥିବାବେଳେ ଏହି ସମଗ୍ର ପ୍ରକ୍ରିୟାକୁ ସମାବେଶୀ ଓ ସ୍ୱଚ୍ଛ କରିବା ପାଇଁ ସମସ୍ତ ରାଜନୈତିକ ଦଳଙ୍କ ସହଯୋଗ କାମନା କରିଥିଲେ ଜିଲ୍ଲାପାଳ। ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ଦୁଇଟି ପୂର୍ବମୁଦ୍ରିତ ପରିଗଣନା ଫର୍ମ ପ୍ରଦାନ କରାଯିବ। ପୂରଣ ହୋଇଥିବା ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଓ ଅନ୍ୟ ନକଲଟି ଦସ୍ତଖତ ସହ ରସିଦ ଭାବେ ଭୋଟରଙ୍କୁ ଫେରସ୍ତ କରାଯିବ। ଭୋଟରମାନେ ଚାହିଁଲେ ନିର୍ବାଚନ ଆୟୋଗଙ୍କ ସରକାରୀ ପୋର୍ଟାଲରୁ ଫର୍ମ ଡାଉନଲୋଡ୍ କରି ଅନଲାଇନ୍‌ରେ ମଧ୍ୟ ଅପଲୋଡ୍ କରିପାରିବେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ଅତିରିକ୍ତ ଉପଜିଲ୍ଲାପାଳ ରାଖାଲ ଚନ୍ଦ୍ର ପରିଡ଼ା, ଡେପୁଟି କଲେକ୍ଟର କ୍ରିସେନସିଆ ତିର୍କୀ, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।



# ବାପାମାଆଙ୍କୁ ମରଣାନ୍ତକ ଆକ୍ରମଣ କରି ପୁଅ ଗିରଫ

ବୈଶିଙ୍ଗା, ୧୯।୫(ସମିସ): ବୈଶିଙ୍ଗା ଥାନା ଅଧୀନ ସର୍ବଣା ଉପକଣ୍ଠ ଗବପାଳ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗ୍ରାମର ବୃଦ୍ଧ ବାପାମାଆଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହିତ ମାଆଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ବଡ଼ ଭାଇଜଙ୍କୁ ଦୁଷ୍କର୍ମ କରିବା ଧମକ ଦେଇଥିବା ଅଭିଯୋଗରେ ସାନପୁଅ ସୁଭାଶିଷ ମହାନ୍ତ (କୁନମୁନ)ଙ୍କୁ ଗିରଫ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାଆ ପ୍ରମିଳା ମହାନ୍ତଙ୍କ ଅଭିଯୋଗ ମୁତାବକ, ତାଙ୍କ ସାନପୁଅ କୁନମୁନ ବିଭିନ୍ନ ସମୟରେ ନିଶାଗ୍ରସ୍ତ ଅବସ୍ଥାରେ ତାଙ୍କୁ ଓ ତାଙ୍କ ସ୍ୱାମୀ ଅନନ୍ତଙ୍କୁ ମାରପିଟ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇ ଜୋର ଜବରଦସ୍ତ ଘରର ଧାନଚାଉଳ ଓ ଆସବାବପତ୍ର ବିକ୍ରି କରିଦିଏ। କିଛିଦିନ ପୂର୍ବରୁ ହଠାତ ଆସି କୁନମୁନ ଉଭୟ ବାପା ଅନନ୍ତ ଓ ମାଆ ପ୍ରମିଳାଙ୍କୁ ଠେଙ୍ଗାରେ ନିର୍ଘୁମ ପିଟି ଚାଲିଲା। ମାଡ଼ରେ ଅନନ୍ତଙ୍କର ହାତ ଭାଙ୍ଗି ଯାଇଥିବାବେଳେ ମାଆ ପ୍ରମିଳାଙ୍କ ମୁଣ୍ଡ ଓ ଛାତିରେ ମାଡ଼ ବାଜି ଗୁରୁତର ହୋଇ ବାରିପଦା ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ସେହିଭଳି ଗୁରୁବାର ରାତିରେ ନିଶାଶକ୍ତ ହୋଇ କୁନମୁନ ଖଣ୍ଡା ଧରି ଆସି ଧମକ ଦେବା ସହିତ ବଡ଼ ଭାଇଭାଉଜଙ୍କ ଲୁଗାପଟାରେ ନିଆଁ ଲଗାଇ ଦେଇଥିଲା। ପରେ ତାଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଦୁଷ୍କର୍ମ କରିବା ନେଇ ଧମକ ଦେଇଥିଲା। ଅନ୍ୟ ଉପାୟ ନପାଇ ଉଭୟ ବାପାମାଆ ନିଜ ବୁଢୀ ମାଆଙ୍କୁ ଧରି ପଡୋଶୀ ଘରେ ଆଶ୍ରୟ ନେଇଥିଲେ। ତେବେ ପ୍ରମିଳାଙ୍କ ଲିଖିତ ଅଭିଯୋଗ ପରେ ଘଟଣାର ତଦନ୍ତ କରିବାକୁ ଯାଇଥିବା ପୁଲିସ ଅଧିକାରୀଙ୍କୁ ମଧ୍ୟ ସୁଭାଶିଷ ଆକ୍ରମଣ କରିଥିଲା। ପୁଲିସ ମାମଲା ରୁଜୁ ପୂର୍ବକ ତଦନ୍ତ ଆରମ୍ଭ କରି ସୁଭାଶିଷକୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



# ଜାତୀୟ ଯୁବ ପ୍ରକଳ୍ପ ପକ୍ଷରୁ ଗ୍ରୀଷ୍ମକାଳୀନ ଶିଶୁ ଶିବିର



ବାରିପଦା, ୧୯।୫(ସମିସ): ସ୍ଥାନୀୟ ଆଧାର ପବ୍ଲିକ ସ୍କୁଲ ପରିସରରେ ଜାତୀୟ ଯୁବ ପ୍ରକଳ୍ପ ମୟୂରଭଞ୍ଜ ୟୁନିଟ ପକ୍ଷରୁ ଗ୍ରୀଷ୍ମକାଳୀନ ଶିଶୁ ଶିବିର ଆୟୋଜିତ ହୋଇଛି। ବିଦ୍ୟାଳୟରେ ଖରା ଛୁଟି ହୋଇଥିବାରୁ ପିଲାମାନେ ଘରେ ବସି ମୋବାଇଲ୍ ଗେମ୍ ବା ଟିଭିରେ ସମୟ ନଷ୍ଟ ନ କରି ଏହି ଶିବିର ମାଧ୍ୟମରେ ନୂଆ ନୂଆ ଜିନିଷ ଶିଖିବାକୁ ବେଶ୍ ଉତ୍ସାହ ପ୍ରକାଶ କରୁଛନ୍ତି। ଏହି ସମର କ୍ୟାମ୍ପ୍‌ରେ କେବଳ ପାଠପଢ଼ା ନୁହେଁ, ବରଂ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଶିବିରରେ ଚିତ୍ରାଙ୍କନ ଓ ହସ୍ତଶିଳ୍ପ, ବର୍ଜ୍ୟବସ୍ତୁରୁ ସୁନ୍ଦର ସାମଗ୍ରୀ ପ୍ରସ୍ତୁତ କରିବା, ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ, ପାରମ୍ପରିକ ଓ ଆଧୁନିକ ନୃତ୍ୟ ସହ ସଙ୍ଗୀତ ଶିକ୍ଷା, ଯୋଗ ଓ ଆଧ୍ୟାତ୍ମିକତା, ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗ, ସାଧାରଣ ଜ୍ଞାନ ଓ ବ୍ୟକ୍ତିତ୍ୱ ବିକାଶ, ପିଲାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କ ଭିତରେ ଲୁଚି ରହିଥିବା ସୁପ୍ତ ପ୍ରତିଭାର ବିକାଶ ଘଟିଥାଏ। ଅଭିଭାବକମାନେ ଏହି ପ୍ରୟାସକୁ ବେଶ୍ ପ୍ରଶଂସା କରିଛନ୍ତି। ୧୫ ତାରିଖରେ ଆରମ୍ଭ ହୋଇଥିବା ଏହି ଶିବିର ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରର ଅନ୍ତିମ ଦିନରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ଶିବିର ଆରମ୍ଭରେ ବିଶିଷ୍ଟ ସମାଜସେବୀ ସଞ୍ଜୀବ ଘୋଷ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିବାବେଳେ ଦ୍ୱିତୀୟ ଦିନ ଲକ୍ଷ୍ମୀକାନ୍ତ କଲେଜର ପୂର୍ବତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ତୃତୀୟ ଦିନରେ ବିଶିଷ୍ଟ ସାହିତ୍ୟିକ ପଦ୍ମନାଭ ସାହୁ ଓ ଚତୁର୍ଥ ଦିବସରେ ଏମଏସସିବି ବିଶ୍ୱବିଦ୍ୟାଳୟର ପୂର୍ବତନ ଏନଏସଏସ ସଂଯୋଜିକା ଡ. ଉଷାରାଣୀ ଶତପଥୀ ପ୍ରମୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଶିବିର ସଂଯୋଜିକା ରୁପାଲୀ ହାତୀ ପରିଚାଳନା କରୁଥିବାବେଳେ ସ୍ୱେଚ୍ଛାସେବୀ ପୁଷ୍ପା ବାରିକ, ପଦ୍ମିନୀ ମୁଖୀ, ପ୍ରତୀକା ସାହୁ, ସସ୍ମିତା ଟୁଙ୍ଗ, ଦେବସ୍ମିତା ମହାନ୍ତ, ଅଭିଷେକ ପାତ୍ର ପ୍ରମୁଖ ସହଯୋଗ କରୁଥିବାବେଳେ ସଂଗଠନର କାର୍ଯ୍ୟକାରୀ ସଭାପତି ସମରେନ୍ଦ୍ର ବସା, ଉପସଭାପତି ଅଶୋକ ପୃଷ୍ଟି, ଉପଦେଷ୍ଟା ପ୍ରଣତୀ ଦାସ, ଜିଲ୍ଲା ସଂଯୋଜକ ମଳୟ ନାୟକ, ସକ୍ରିୟ ସଦସ୍ୟ ଅଶ୍ୱିନୀ ମହାନ୍ତ, ବର୍ଷା ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ନେଉଥିବା ସଂଯୋଜିକା ରୁପାଲୀ ହାତୀ ସୂଚନା ଦେଇଛନ୍ତି।

# ନଦୀରେ ବୁଡ଼ି ଯୁବକ ମୃତ

ସାରସକଣା, ୧୯।୫ (ସମିସ): ସାରସକଣା ବ୍ଲକ ନେଦା ଗ୍ରାମର ଜଣେ ଯୁବକ ଶୌଚ ହେବାକୁ ସକାଳୁ ସୁବର୍ଣ୍ଣରେଖା ନଦୀକୁ ଯାଇଥିବାବେଳେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଝାରପୋଖରିଆ ଥାନା ଅର୍ନ୍ତଗତ ନେଦା ଗ୍ରାମର ଗୌତମ ମହାପାତ୍ର ସକାଳୁ ଶୌଚ ହେବାକୁ ଗ୍ରାମ ନିକଟସ୍ଥ କଡିଆ ଖାଲକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ମୁଣ୍ଡରେ ଆଘାତ ଲାଗି ସେ ପାଣିରେ ବୁଡ଼ି ଯାଇଥିଲେ। ସକାଳ ପ୍ରାୟ ୫ଟାବେଳେ ଶୌଚ ହେବାକୁ ଯାଇଥିବା ଗ୍ରାମର କିଛି ଲୋକ ଗୌତମଙ୍କୁ ପାଣିରେ ବୁଡ଼ିଥିବା ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେବା ସହ ପୁଲିସକୁ ଫୋନ କରିଥିଲେ। ପୁଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଅଗ୍ନିଶମ ବିଭାଗକୁ ଖବର ଦେବାରୁ ସେମାନେ ପହଞ୍ଚି ଗୌତମଙ୍କୁ ଉଦ୍ଧାର କରି ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଥାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତେବେ ଠିକ୍ ସମୟରେ ପୁଲିସ ନ ପହଞ୍ଚିବାରୁ ପରିବାର ଲୋକ ଓ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପ୍ରଚଣ୍ଡ ପାଇଁ ସାର୍ନା ଧର୍ମ କୋଡ୍ ରାଲି ସ୍ଥଗିତ

ସାରସକଣା, ୧୯।୫ (ସମିସ): ଆଦିବାସୀଙ୍କ ଦେବଦେବୀ ପ୍ରତି ସରକାରଙ୍କ ଅଣଦେଖା ପ୍ରତିବାଦ ଓ ଧାର୍ମିକ ସ୍ଥଳ ଜାହେରଗାଳ ସହିତ ମାରାଂବୁରୁ, ଜାହେର ଆୟ, ମଲେକ ତୁରୁୟକ ଆଦି ଦେବଦେବୀଙ୍କର ସୁରକ୍ଷା ପାଇଁ ମେ ୨୦ ତାରିଖରେ ହେବାକୁ ଥିବା ସାର୍ନା ଧର୍ମ କୋଡ ରାଲିକୁ ପ୍ରଚଣ୍ଡ ଖରା ଓ ଅସହ୍ୟ ଗୁଲୁଗୁଳି ପାଇଁ ସ୍ଥଗିତ ରଖାଯାଇଥିବା ସାରସକଣା ବ୍ଲକ ନାରାନଡିହି ଗ୍ରାମର ମାଝୀବାବା ଓ ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ତଥା ବାରିପଦା ଜୋନାଲ କମିଟି ସଭାପତି ନାରାନ ମୁର୍ମୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଶ୍ରୀ ମୁର୍ମୁ କହିଛନ୍ତି, ଉକ୍ତ ଆକ୍ରୋଶମୂଳକ ଆନ୍ଦୋଳନ ଆଦିବାସୀଙ୍କ ଭାରତ ଜାକାତ ମାଝୀ ପାର୍ଗାନା ମହଲ, ଭଞ୍ଜ ଖେରୱାଲ ଯୁମିଦ, ଅଲ୍ ଇଣ୍ଡିଆ ସାର୍ନା-ଧରମ ଚେମେଦ ଆଖ୍ଡା, ଏଆଇଏମପିଏମ, ଛାତ୍ର ମୋର୍ଚ୍ଚା, ଏଏସ୍ଏ, ମହିଳା ମୋର୍ଚ୍ଚା, ଏଆଇଏସଡିଏମ, ଯୁବା ମୋର୍ଚ୍ଚା, ଏଆଇଏୱାଇଏମ, ଜେଆରସି କ୍ଲବ ଆଦି ସଂଗଠନର କାର୍ଯ୍ୟକର୍ତ୍ତା, ନେତା, ସମର୍ଥକଙ୍କ ଦ୍ୱାରା ଦୃଢ଼ ପ୍ରତିବାଦ କରିବା ପାଇଁ ଆୟୋଜନ କରାଯାଇଥିଲା। ଆଦିବାସୀଙ୍କ ଧାର୍ମିକ ମାମଲା ପ୍ରତି ସରକାରଙ୍କ ଏଭଳି ଅବହେଳା ବିରୋଧରେ ସଂଗଠନର ନେତାମାନେ ଚୁପ୍ ରହିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସମସ୍ତ ସଂଗଠନର ନେତା ଦୃଢ଼ ଭାବେ ପ୍ରସ୍ତୁତ ହୋଇ ସିଧାସଳଖ ରାଜରାସ୍ତାରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

ମୟୂରଭଞ୍ଜ ସାଇବର ଥାନାର ସଫଳତା

# ୫୮ଟି ଚୋରି ମୋବାଇଲ୍ ଫୋନ ଉଦ୍ଧାର ପରେ ମାଲିକଙ୍କୁ ହସ୍ତାନ୍ତର




ବାରିପଦା, ୧୯।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସାଇବର ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ବିଭିନ୍ନ ସମୟରେ ଜିଲ୍ଲାରୁ ଚୋରି କିମ୍ବା ହଜିଯାଇଥିବା ୫୮ଟି ମୋବାଇଲ୍ ଫୋନ୍‌କୁ ଉଦ୍ଧାର କରିବା ସହିତ ଏକ ମୋବାଇଲ ଫୋନ ଫେରସ୍ତ ମେଳା ଜରିଆରେ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୋବାଇଲ ଫୋନ୍ ହସ୍ତାନ୍ତର କରାଯାଇଛି। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋବାଇଲ ଫେରିପାଇ ମାଲିକମାନେ ଖୁସିବ୍ୟକ୍ତ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ଶ୍ରୀ ଗୁଣ୍ଟୁପାଲ୍ଲୀ କହିଛନ୍ତି, ବର୍ତ୍ତମାନର ଆଧୁନିକ ଟେକ୍ନୋଲୋଜି ସାହାଯ୍ୟରେ ହଜିଯାଇଥିବା ଫୋନ୍‌କୁ ଟ୍ରାକ୍ କରିବା ସହଜ ହୋଇଛି, ଯାହାଫଳରେ ଏହି ସଫଳତା ମିଳିପାରିଛି। ଜିଲ୍ଲା ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରି ସୂଚନା ଦେଇଛନ୍ତି ଯେ, ଯଦି କାହାର ମୋବାଇଲ୍ ଫୋନ୍ ଚୋରି ହୁଏ କିମ୍ବା ହଜିଯାଏ, ତେବେ ତୁରନ୍ତ ସ୍ଥାନୀୟ ଥାନାରେ ରିପୋର୍ଟ କରନ୍ତୁ। ଏଥିସହ ସଠିକ୍ ସମୟରେ ରିପୋର୍ଟ କଲେ ପୁଲିସ ସେହି ଫୋନ୍‌କୁ ଟ୍ରାକ୍ ଲିଷ୍ଟରେ ପକାଇ ଖୁବ୍‌ଶୀଘ୍ର ଉଦ୍ଧାର କରିବାର ସମ୍ଭାବନା ଅଧିକ ରହିଥାଏ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଇବର ଥାନା ଭାରପ୍ରାପ୍ତ ଡିଏସପି ଅଜୟ ଜେନା ଓ ସମସ୍ତ ଅଧିକାରୀ/କର୍ମଚାରୀ ସହଯୋଗ କରିଥିଲେ।

# ପାଣି ପାଇପ୍ ବିଛାଇବାକୁ ଖୋଳାଯାଉଛି ରାସ୍ତା, ହେଉନି ମରାମତି

 କୁଆମରା, ୧୯।୫(ସମିସ): ୨୦୨୪ ସୁଦ୍ଧା ସମସ୍ତ ଗ୍ରାମକୁ ଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯିବାକୁ ବିଜେଡି ସରକାରଙ୍କ ଲକ୍ଷ୍ୟ ଥିଲା। ୨୦୨୨ରୁ ପ୍ରତି ଗ୍ରାମରେ ପାଇପ୍ ବିଛା କାମ ଆରମ୍ଭ ହୋଇଥିଲା। ଠିକାଦାର ଗ୍ରାମାଞ୍ଚଳ ରାସ୍ତା ମେସିନ ଲଗାଇ କାର୍ଯ୍ୟ କରୁଥିବାବେଳେ ପିଚୁ ଓ ପକ୍କା ରାସ୍ତା ନଷ୍ଟ ହେଉଛି। ଏହାର ମରାମତି କରାଯାଉନାହିଁ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନିର୍ମାଣ ହୋଇଥିବାବେଳେ ରାସ୍ତା ନଷ୍ଟ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଦୀର୍ଘ ତିନିବର୍ଷ ଧରି ପାଇପ୍ ବିଛାଇବା ଆଳରେ ଏଭଳି କାର୍ଯ୍ୟ କରାଯାଉଥିବାବେଳେ ଅଧିକାଂଶ ସ୍ଥାନରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଅନେକ ସ୍ଥାନରେ ରାସ୍ତାର ଗର୍ତ୍ତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି ହୋଇନାହିଁ। ପୂର୍ବରୁ ପଞ୍ଚାୟତ ପକ୍ଷରୁ ବିଛାଯାଇଥିବା ପାଇପ ମଧ୍ୟ ଅନେକ ସ୍ଥାନରେ କାମ ସମୟରେ ଫାଟି ଯାଇଥିବା ଦେଖାଯାଉଛି। ଫଳରେ ପାଣି ଲିକ୍ କରିବା ସହ ଶୁଦ୍ଧ ପାନୀୟଜଳ ପରିବର୍ତ୍ତେ ବିଶୁଦ୍ଧ ଜଳକୁ ଲୋକେ ବ୍ୟବହାର କରୁଥିବା ଅଭିଯୋଗ ଆସୁଛି। ଏ ଦିଗରେ ସମ୍ପୃକ୍ତ ଠିକାଦାର ଓ କମ୍ପାନୀ ଦୃଷ୍ଟି ଦେବାକୁ ଦାବି ହେଉଛି।



# ସମାଜସେବୀ ହରେକୃଷ୍ଣ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



ଉଦଳା, ୧୯।୫(ସମିସ): ଉଦଳା ପ୍ରାଥମିକ ଶିକ୍ଷକ ଭବନରେ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କପ୍ତିପଦା ଉପଖଣ୍ଡର ସମାଜସେବୀ ସ୍ୱର୍ଗତ ହରେକୃଷ୍ଣ ମହାନ୍ତିଙ୍କ ସ୍ମୃତିଚାରଣ ଉଦଳା ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କରାଯାଇଥିଲା। ସେ ଛାତ୍ର ଜୀବନରୁ ନିଜକୁ ଜଣେ ସେବକ ଭାବେ ତିଆରି କରିଥିଲେ। ଓଡ଼ିଶାର ବହୁ ବଡ଼ବଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଜଡ଼ିତ ରହି ସମାଜର ମଙ୍ଗଳ ଓ ତଳସ୍ତରରେ ଥିବା ଲୋକଙ୍କ ପାଇଁ ତାଙ୍କର ଚେଷ୍ଟା ଅତୁଳନୀୟ। ତାଙ୍କର ରାଜନୈତିକ ଜୀବନରେ ନିଜ ପଞ୍ଚାୟତରେ ସରପଞ୍ଚ, କପ୍ତିପଦା ବ୍ଲକର ଭାଇସ ଚେୟାରମ୍ୟାନ ହୋଇ ଜଣେ ଦକ୍ଷ ରାଜନେତା ହିସାବରେ ପରିଚିତ ହୋଇ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନିକଟରେ ବେଶ ପରିଚିତ ହୋଇଥିଲେ। ନିଜ ଭିଟାମାଟିର ପିଲାଙ୍କ ଶିକ୍ଷାର ବିକାଶ ପାଇଁ କଲେଜ, ସ୍କୁଲ ତିଆରି କରି ମୟୂରଭଞ୍ଜ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କେବଳ ସେତିକି ନୁହେଁ, ସେ ବହୁତ ବଡ଼ବଡ଼ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଭିୟର, କେୟାର ଓ ମୟୂରଭଞ୍ଜ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜଣେ ସେବକ ହୋଇ ତଳ ସ୍ତରର ଲୋକଙ୍କ ପାଇଁ କାମ କରୁଥିଲେ। ମୟୂରଭଞ୍ଜ ଜିଲ୍ଲାର ଜଳ, ଜଙ୍ଗଲ ଓ ଜମିର କିପରି ସୁରକ୍ଷା ହୋଇପାରିବ ସେଥିପାଇଁ ଜିଲ୍ଲା ସାରା ବୁଲି ବୁଲି ଲୋକଙ୍କୁ ସଚେତନ କରାଉଥିଲେ। ଅନ୍ୟକୁ ସାହାଯ୍ୟ କରିବା ପାଇଁ ସେ ସବୁ ସମୟରେ ଚିନ୍ତା କରୁଥିଲେ। ଏପରିକି ପାଠ ପଢୁଥିବା ଯୁବକ/ଯୁବତୀଙ୍କୁ ପାଠ୍ୟପୁସ୍ତକ ସହିତ ମୂଲ୍ୟବାନ ପୁସ୍ତକ ଯୋଗାଇ ଦେଇ ଉଚ୍ଚଶିକ୍ଷିତ ହେବାକୁ ପ୍ରେରଣା ଦେଉଥିଲେ। ହଠାତ ତାଙ୍କ ମୃତ୍ୟୁ ଖବର ଉପଖଣ୍ଡର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଏହି ସ୍ମୃତିଚାରଣ ସଭାରେ ଚକ୍ରଧର ଦଲେଇ, ଦୁଃଖିଶ୍ୟାମ ମୁର୍ମୁ, କୃଷ୍ଣ ଚୈତନ୍ୟ ସଦୁଆଳ, ଅନ୍ତର୍ଯ୍ୟାମୀ ମହାକୁଡ଼, ଜଗବନ୍ଧୁ ପ୍ରଧାନ, ଅଶୋକ ଦେହୁରୀ, ଜଗଦୀଶ ନାୟକ, ସେକ କାଲାମୁଦ୍ଦିନ, ବାସୁଦେବ ସିଂ, ଖେକ ଅଞ୍ଜୁମ, ବ୍ରଜସୁନ୍ଦର ନାଏକ, ବିନୋଦ ଘଡ଼ାଇ, ମଙ୍ଗଳା ପ୍ରସାଦ ବାରିକ ଓ ଆଲୋକ କର ପ୍ରମୁଖ ଯୋଗ ଦେଇଥିଲେ।

ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡରେ ଥମୁନି ବାଲି ଚୋରାଚାଲାଣ

# ଲଘୁ ଖଣିଜ ମାଫିଆଙ୍କ ପାଲଟିଛି ଭୂସ୍ୱର୍ଗ

■ ପ୍ରତ୍ୟେକ ଦିନ ବାହାର ଜିଲ୍ଲା ଓ ରାଜ୍ୟକୁ ହେଉଛି ଚାଲାଣ

ରାଇରଙ୍ଗପୁର, ୧୯।୫(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଲଘୁ ଖଣିଜ ଉପରେ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡ ଲଘୁ ଖଣିଜ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି। ଲଗାତର ଚଢ଼ଉ ଅଭାବରୁ ବେଆଇନ ଭାବେ ଲଘୁ ଖଣିଜ ଉତ୍ତୋଳନ କରି ଚୋରା ଚାଲାଣ ମାତ୍ରା ବଢ଼ି ଚାଲିଛି। ବିଭାଗ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଉନାହିଁ। ଫଳରେ ବାଲି ମାଫିଆ ବେଧଡ଼କ ସେମାନଙ୍କ କାରବାର ଜାରି ରଖିଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ରାଇରଙ୍ଗପୁର ସହର ମଧ୍ୟରେ ପ୍ରବାହିତ ଖଡ଼ଖାଇ ନଦୀ ସମେତ ବହଳଦା, ଜାମଦା ଓ ତିରିଂ ବ୍ଲକରେ ବ୍ୟାପକ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜନପ୍ରତିନିଧି, ଖଣି ଅଧିକାରୀ ଓ ପୁଲିସ ଜାଣି ସୁଦ୍ଧା ଚୁପ ରହିଛନ୍ତି। ସୀମାନ୍ତ ଅଞ୍ଚଳର ବହଳଦା ଓ ଜାମଦା ତହସିଲ ଅଧୀନ ଖଡଖାଇ ନଦୀର ବିଭିନ୍ନ ଘାଟ, ତିରିଂ ତହସିଲ ଅଧୀନ ନଦୀର ରାମବେଡା, ବିଜୟବସା, ମାଘୁଆ ସମେତ ଅନ୍ୟ ବେଆଇନ ବାଲି ଘାଟରୁ ବେଧଡକ ଭାବେ ଶହ ଶହ ଟ୍ରିପ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଛନ୍ତି ମାଫିଆ। ଉକ୍ତ ଅଞ୍ଚଳରେ କେବଳ ୫ଟି ନଦୀ ଘାଟକୁ ଅସ୍ଥାୟୀ ସୋର୍ସ ଘାଟ ଭାବେ ଅନୁମତି ଥିବାବେଳେ ବାକି ଘାଟର କୌଣସି ଲିଜ୍ ନ ଥିବା ସତ୍ତ୍ୱେ ବାଲି ଚୋରା ଚାଲାଣ ହେଉଛି। କେନ୍ଦୁଝର ଜିଲ୍ଲାରେ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ବଡ଼ଧରଣର ଚଢ଼ଉ ପ୍ରକ୍ରିୟା କରାଯାଇଛି। ଅନେକ ମାଫିଆଙ୍କ ଘରେ ଚଢ଼ଉ କରି ତଥ୍ୟ ସଂଗ୍ରହ କରିବା ସହ ସମ୍ପତ୍ତି ଜବତ କରାଯାଇଛି। କେନ୍ଦୁଝର ଭଳି ମୟୂରଭଞ୍ଜ ଜିଲ୍ଲାରେ ଉକ୍ତ ଚଢ଼ଉ ପ୍ରକ୍ରିୟା ସମ୍ଭବ ହୋଇପାରୁନାହିଁ। ଫଳରେ ନିୟମିତ ଭାବେ ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡରୁ ବ୍ୟାପକ ଚୋରା ଚାଲାଣ ହେଉଛି। ଉକ୍ତ ନଦୀ କୂଳରେ ଅନେକ ବେଆଇନ ବାଲି ସଇରାତ ଗଢି ଉଠିଛି। ଯେଉଁଠୁ କି ନିୟମିତ ଭାବେ ହାଇୱା ଓ ଟ୍ରାକ୍ଟରରେ ଟ୍ରିପ ଟ୍ରିପ ବାଲି ଉତ୍ତୋଳନ ହୋଇ ପଡ଼ୋଶୀ ଝାଡ଼ଖଣ୍ଡ ଓ ଜିଲ୍ଲା ବାହାରକୁ ନିୟମିତ ଭାବେ ଚାଲାଣ ହେଉଛି। ବାଲି ମାଫିଆ ବିନା ଡରରେ ବେଆଇନ ଭାବେ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ମାଫିଆଙ୍କ ନିମନ୍ତେ ଭୂସ୍ୱର୍ଗ ପାଲଟିଛି।

ସେହିପରି ପାଞ୍ଚପିଡ଼ ଉପଖଣ୍ଡରେ ସମାନ ପରିସ୍ଥିତି ରହିଛି। ବିଭିନ୍ନ ସ୍ଥାନରୁ ବାଲି ଉତ୍ତୋଳନ ହୋଇ କରଞ୍ଜିଆ ଦେଇ କେନ୍ଦୁଝର ଜିଲ୍ଲାକୁ ବେଆଇନ ଚାଲାଣ ହେଉଛି। ଏମିତିକି ରାତିରେ ଥାନା ନିକଟ ଦେଇ ବଡ଼ ବଡ଼ ହାଇୱାରେ ଟ୍ରିପ ଟ୍ରିପ ବାଲି ନିୟମିତ ଚାଲାଣ ହେଉଛି। ନେତାଙ୍କ ଛତ୍ରଛାୟାରେ ଚୋରା ବ୍ୟାପର ହେଉଥିବାବେଳେ ସବୁ ଜାଣି ପୁଲିସ ପ୍ରଶାସନ ଚୁପ ରହିଛି। ପ୍ରାୟ ୩ ବର୍ଷ ପୂର୍ବେ ଜାତୀୟ ଗ୍ରୀନ ଟ୍ରିବୁନାଲ (ଏନଜିଟି) ଛାଟ ପରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଲିଜଧାରୀ ଓ ବିନା ଲିଜଧାରୀ ବାଲି ଖନନ ଓ ସାଇରାତ ନିଲାମ ବନ୍ଦ ରହିଛି। ସରକାରୀ ନିର୍ଦ୍ଦେଶ ପରେ କେତେକ ଘାଟକୁ ଅସ୍ଥାୟୀ ଭାବେ ଟ୍ରାଞ୍ଜିଟ ପାସ ଦିଆଯାଇଛି। କିନ୍ତୁ ଦୁଇ ଉପଖଣ୍ଡରେ ବିନା ପ୍ରତିବନ୍ଧକରେ ଅନେକ ବେଆଇନ ଘାଟ ଖୁଲମଖୁଲା ଭାବେ ଦିନରାତି ଲଘୁ ଖଣିଜ ଚୋରା ଚାଲାଣ ହେଉଛି। ଟ୍ରକ, ଟ୍ରାକ୍ଟର, ହାଇୱା, ଟିପର ଆଦିରେ ବାଲି, ମୋରମ, ଚିପ୍ସ ଆଦି ଚାଲାଣ ହେଉଛି। ବେଆଇନ ବାଲି ଚୋରା ଚାଲାଣ ମାତ୍ରା ଅନେକ ବୃଦ୍ଧି ପାଉଥିଲେ ସୁଦ୍ଧା ରୋକ ଲାଗୁନି। ନଦୀ ଗର୍ଭରୁ ଟ୍ରାକ୍ଟର ଓ ଟ୍ରକ୍ ଯୋଗେ ବେଆଇନ ଉତ୍ତୋଳନ କରାଯାଇ ମାଫିଆମାନେ ବେଆଇନ ଭାବେ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ କରୁଛନ୍ତି। ମେସିନ ଲଗାଇ ରାତିଅଧିଆ ବାଲି ଲୁଟ ହେଉଥିବା ଦେଖିବାକୁ ମିଳୁଛି। ବେଆଇନ ଭାବେ ଲଘୁ ଖଣିଜ ଚୋରା ଚାଲାଣ ରୋକିବା ପାଇଁ ବାରମ୍ବାର ଖବର ପ୍ରସାରଣ ପରେ ଗୋଟିଏ କିମ୍ବା ଦୁଇଟି ଟ୍ରାକ୍ଟର/ହାଇୱାକୁ ଧରି ଚୁପ ହୋଇ ବସୁଛି ବିଭାଗ। କିନ୍ତୁ ଘାଟ ଅଞ୍ଚଳରେ ପୁଲିସ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଉନାହିଁ। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଛି। ମୟୂରଭଞ୍ଜ ବୃହତ ଜିଲ୍ଲା ହୋଇଥିବାରୁ ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡ ନିମନ୍ତେ ଏକ ଉପଖଣ୍ଡ ସ୍ତରୀୟ ଖଣି କାର୍ଯ୍ୟାଳୟ ନିହାତି ଆବଶ୍ୟକ ଅଟେ। ଫଳରେ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ବେଆଇନ ଚାଲାଣରେ ଅଙ୍କୁଶ ଲାଗିବାରେ ସହାୟକ ହେବ। ସ୍ଥାନୀୟ ପୁଲିସ ପକ୍ଷରୁ କଡ଼ାକଡି ପେଟ୍ରୋଲିଂ କରାଯାଇ ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

